ସଂଖ୍ୟା- 29082 - FIN-CT1-TAX-0005-2015

ଓଡିଶା ସରକାର

ଅର୍ଥ ବିଭାଗ

ସଂକଳ୍ପ

ତା 28/10/2016 ରିଖ

ବିଷୟ- ଓଡିଶା ବିକ୍ରିକର ଆଇନ, ୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଧୀନରେ ୫ ହଜାର ଟଙ୍କା ପର୍ଯନ୍ତ ଥିବା ଅନାଦେୟ ବକେୟା ମାମଲା ଗୁଡିକୁ ହିସାବରୁ ବାଦ ଦେବା ସମ୍ପର୍କରେ ।

ଓଡିଶା ବିକ୍ରିକର ଆଇନ, ୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଚଳ ଘୋଷିତ ହୋଇଛି ଏବଂ ଏହି ଆଇନ ଅନୁସାରେ ବକେୟା କର, ଜରିମାନା ଏବଂ ସୁଧ ଅସୁଲ ନିମନ୍ତେ ବହୁସଂଖ୍ୟକ ବିବାଦ ବିଭିନ୍ନ ସ୍ତରରେ ବିଚାରାଧିନ ରହିଛି । ଏଥିରେ ବହୁ ପରିମାଣର ବକେୟା କର ଅଛି । ବକେୟା କର ସମ୍ପର୍କିତ ମାମଲା ସମାଧାନ ମାଧ୍ୟମରେ ଅଧିକ ରାଜସ୍ୱ ଆଦାୟ କରିବା ପାଇଁ ସର୍ବଦା ବିବିଧ ପ୍ରଚେଷ୍ଟା ଜାରି ରହିଛି । ଏହାମଧ୍ୟରେ ବହୁସଂଖ୍ୟକ ବିକ୍ରିକର ସମ୍ପର୍କିତ ବକେୟା ମାମଲା ଦୀର୍ଘଦିନଧରି ବିଚାରାଧିନ ରହିଛି, ଯେଉଁଥିରେକି ବକେୟା ପରିମାଣ ଖୁବ୍ ସ୍ୱଳ୍ପ ଅଟେ । ଏହିଭଳି ସ୍ୱଳ୍ପପରିମାଣ ଥିବା ବକେୟାକର କରଅସୁଲ ପ୍ରକ୍ରିୟା ମାଧ୍ୟମରେ ଆଦାୟ କରିବା ବାବଦରେ ହେଉଥିବା ବ୍ୟୟର ପରିମାଣ ଆଦାୟ ହେବାକୁ ଥିବା ବକେୟାକର ପରିମାଣ ଠାରୁ ଅଧିକ ହେବ ।

୧୯୫୬-୫୭ ମସିହାରୁ ୨୦୧୦-୧୧ ମସିହା ପର୍ଯ୍ୟନ୍ତ ଓଡିଶା ବିକ୍ରିକର ଆଇନ୍ ୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଧୀନରେ ମାମଲା ପିଛା ୫୦୦୦.୦୦ ଟଙ୍କାରୁ କମ୍ ପରିମାଣର ୩୬୯୫୭ ଗୋଟି ଅନାଦେୟ ମାମଲା ଅଛି । ଏହି ସମସ୍ତ ବକେୟା ମାମଲାର ମୋଟ ଅନାଦେୟ ବକେୟା ପରିମାଣ ୪,୩୫,୮୮,୩୮୯.୦୦ ଟଙ୍କା ଅଟେ । ଆଇନର ବ୍ୟବସ୍ଥା ଅନୁଯାୟୀ କର ଅସୁଲ ପ୍ରକ୍ରିୟା ମାଧ୍ୟମରେ ମାତ୍ର ୪.୩୬ କୋଟି ଟଙ୍କାର ଅନାଦେୟ ବକେୟା ଅସୁଲ ପାଇଁ ୩୬୯୫୭ ସଂଖ୍ୟକ ମାମଲା ଫଇସଲା କରିବା ପାଇଁ ଯେତେ ସଂଖ୍ୟାର ଲୋକ ଶକ୍ତି ଆବଶ୍ୟକ ସେହି ଅନୁସାରେ ଅସୁଲ ହେବାକୁ ଥିବା ଅନାଦେୟ ବକେୟା ଯଥେଷ୍ଟ ନୁହେଁ । ଅନ୍ୟଥା ଯଦି ଏହି ଲୋକଶକ୍ତିକୁ କେବଳ ବଡ ପରିମାଣର ଅନାଦେୟ ବକେୟା ମାମଲା ଗୁଡିକ ଫଇସଲା କରିବା ପାଇଁ ବିନିଯୋଗ କରାଯିବ, ତେବେ ରାଜ୍ୟ ଅଧିକ ପରିମାଣର ଅନାଦେୟ ବକେୟା କର ଆଦାୟ କରିପାରିବ ।

ଏଣୁ, ଓଡିଶା ବିକ୍ରିକର ଆଇନ୍ ୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଧୀନରେ ୫୦୦୦.୦୦ ଟଙ୍କା ପର୍ଯ୍ୟନ୍ତ ଥିବା ପୁରୁଣା ଅନାଦେୟ ବକେୟା ମାମଲା ଗୁଡିକୁ ହିସାବରୁ

ବାଦ ଦେବା ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା, ଯାହା ଫଳରେ କର ଅସୁଲ କରୁଥିବା କାର୍ଯ୍ୟାଳୟର କାର୍ଯ୍ୟଭାର କମିଯିବ ଏବଂ ସେମାନେ ବଡ ବଡ ଅନାଦେୟ ବକେୟା ମାମଲା ଗୁଡିକରେ ନିୟୋଜିତ ହୋଇ ରାଜ୍ୟ ପାଇଁ ଅଧିକ ପରିମାଣର ଅନାଦେୟ ବକେୟା କର ଆଦାୟ କରିପାରିବେ ।

ଉକ୍ତ ବିଷୟରେ ସରକାର ଅଧିକ ବିଚାର ବିମର୍ଶ କରି ଓଡିଶା ବିକ୍ରିକର ଆଇନ୍ ୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଧୀନରେ ୫୦୦୦.୦୦ ଟଙ୍କା ପର୍ଯ୍ୟନ୍ତ ଥିବା ପୁରୁଣା ଅନାଦେୟ ବକେୟା ମାମଲା ଗୁଡିକୁ ହିସାବରୁ ବାଦ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଯେଉଁ ବ୍ୟବସାୟୀ ମାନେ ଓଡିଶା ମୂଲ୍ୟଯୁକ୍ତ କର ଆଇନ, ୨୦୦୪ ଅଧିନରେ ବ୍ୟବସାୟ କରୁଛନ୍ତି ଏବଂ ଯଦି ସେମାନଙ୍କର ଓଡିଶା ବିକ୍ରିକର ଆଇନ,୧୯୪୭ ଏବଂ ଓଡିଶା ଅତିରିକ୍ତ ବିକ୍ରିକର ଆଇନ,୧୯୭୫ ଅଧୀନରେ ୫୦୦୦.୦୦ ଟଙ୍କା ପର୍ଯ୍ୟନ୍ତ ଅନାଦେୟ ବକେୟା ମାମଲା ଥିବ, ସେମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହେବ ନାହିଁ ।

ଆଦେଶ- ଏହି ସଂକଳ୍ପଟିକୁ ଓଡିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ପ୍ରକାଶ କରିବାକୁ ଆଦେଶ ଦିଆଗଲା

ରାଜ୍ୟପାଳଙ୍କ ଆଦେଶମତେ

ତୁହିନ କାନ୍ତ ପାଣ୍ଡେ

(ତୁହିନ କାନ୍ତ ପାଣ୍ଡେ)

ପ୍ରମୁଖ ଶାସନ ସଚିବ